ପ୍ରମେୟ
ତାରିଖ: ୧୬.୧୧.୨୦୨୫

# ବିପିୟୁଟି ସମାବର୍ତ୍ତନ ଉତ୍ସବରେ ବିଆଇଆଇଟିଏମ୍ ଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ



ଭୁବନେଶ୍ୱର,୧୫ା୧୧(ବ୍ୟୁରୋ): ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର ଦ୍ୱାଦଶତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ବିଆଇଆଇଟିଏମ୍‌ର ଶୁଭମ୍ ସନ୍ତୋଷ ସାହୁ ଶ୍ରେଷ୍ଠ ଆଇ-ଏମ୍‌ବିଏ (୨୦୨୦-୨୫) ଛାତ୍ର ଭାବେ ସ୍ୱର୍ଣ୍ଣ ପଦକ ପାଇଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି, ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ, ମ୍ୟାନେଜମେଣ୍ଟ ଡିନ୍ ଡ. ମିହିର ରଞ୍ଜନ ନାଏକ ଉପସ୍ଥିତ ଥିଲେ ।

ଅନୁଷ୍ଠାନ ପକ୍ଷରୁ କୁହାଯାଇଛି, ୨୦୨୩-୨୫ ବର୍ଷର ଏମ୍‌ବିଏ ଛାତ୍ରୀ ଶ୍ୱେତାଲିନା ମିଶ୍ର ସର୍ବାଧିକ ଗ୍ରେଡ୍ ପଏଣ୍ଟ ପାଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି । ମାନସ କୁମାର ବେହେରା ଦ୍ୱିତୀୟ ଓ ବିଶ୍ୱଜିତ୍ ଲେଙ୍କା ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି ।